# NATIONAL NEWS BULLETIN (ODIA)

## 16 September - 2026

## Evening Bulletin : 7.15 P.M.

*******************************

## ମୁଖ୍ୟ ସମ୍ବାଦ

- କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଅଧୀନରେ ମାସିକ ମଜୁରୀ ସୀମାକୁ ୧୫ ହଜାରରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କଲେ କେନ୍ଦ୍ର କ୍ୟାବିନେଟ୍ ।
- 'ସେମିକନ୍ ଇଣ୍ଡିଆ-୨୦୨୬'ର ପଞ୍ଚମ ସଂସ୍କରଣକୁ ଆସନ୍ତାକାଲି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ସ୍ୱଚ୍ଛତା ହିଁ ସେବା ୨୦୨୬ ଏକ ମାସ ବ୍ୟାପି ଅଭିଯାନ ଆରମ୍ଭ ହେବ ଆସନ୍ତାକାଲିଠାରୁ ।
- ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଏକ ଐତିହାସିକ ରାଜିନାମା ଭାବେ ଅଭିହିତ କଲେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ।

ଏବଂ

- ୨୦୨୪ ଲାଗି ସମ୍ମାନଜନକ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ ହେବେ ବରିଷ୍ଠ ଅଭିନେତା ଅନନ୍ତ ନାଗ ।

# କ୍ୟାବିନେଟ୍-ପିଏଫ୍

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଅଧୀନରେ ମାସିକ ମଜୁରୀ ସୀମାକୁ କେନ୍ଦ୍ର କ୍ୟାବିନେଟ୍ ୧୫ ହଜାରରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ଆସନ୍ତାକାଲି ବିଶ୍ୱକର୍ମା ଜୟନ୍ତୀଠାରୁ ଦେଶବ୍ୟାପି ଲାଗୁ କରାଯିବ । ଏହାଦ୍ୱାରା ୫୧ ଲକ୍ଷରୁ ଅଧିକ କର୍ମଚାରୀ ଉପକୃତ ହୋଇପାରିବେ । ବିଶେଷ କରି ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବାରେ ଏହା ସହାୟକ ହୋଇପାରିବ । ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୦୪ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଏହି ମଜୁରୀ ସୀମା ଅପରିବର୍ତ୍ତିତ ରହିଥିଲା । ତେବେ ୨୦୧୪ ସେପ୍ଟେମ୍ବର ମାସରେ ଏହାକୁ ମାସିକ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଆଜିର ଏହି ନିଷ୍ପତ୍ତି ଦ୍ୱାରା ବାର୍ଷିକ ୧୧ ହଜାର ୩୩୯ କୋଟି ଟଙ୍କାର ବ୍ୟୟ ହେବ ବୋଲି ସରକାର ଆକଳନ କରିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O-2045-ASHWINI--ON-PF**

# ପିଏମ୍-ସେମିକନ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି 'ସେମିକନ୍ ଇଣ୍ଡିଆ-୨୦୨୬'ର ପଞ୍ଚମ ସଂସ୍କରଣକୁ ନୂଆଦିଲ୍ଲୀଠାରେ ଉଦ୍‌ଘାଟନ କରିବେ । ଭାରତ ସେମିକଣ୍ଡକ୍ଟର ମିଶନ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏବଂ ସେମି ଦ୍ୱାରା ମିଳିତ ଭାବେ ଯଶୋଭୂମିଠାରେ ଏହି ସମାବେଶର ଆୟୋଜନ କରାଯାଇଛି । ସେମିକନ୍ ଇଣ୍ଡିଆ ହେଉଛି ଦେଶର ପ୍ରମୁଖ ସେମିକଣ୍ଡକ୍ଟର ସମ୍ମିଳନୀ ଓ ପ୍ରଦର୍ଶନୀ । ଏହି ତିନିଦିନିଆ ସମାବେଶରେ ବିଭିନ୍ନ ପ୍ରସଙ୍ଗ ଆଧାରିତ ଆଲୋଚନା ଏବଂ ରଣନୈତିକ ଅଧିବେଶନ ଅନୁଷ୍ଠିତ ହେବ ।

ସେମିକଣ୍ଡକ୍ଟର କ୍ଷେତ୍ରରେ କାର୍ଯ୍ୟରତ ସ୍ୱଦେଶୀ ଏବଂ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକ ମଧ୍ୟରେ ସହଭାଗିତା, ନିବେଶ, ପ୍ରଯୁକ୍ତିବିଦ୍ୟା ସହଯୋଗ ଓ ଯୋଗାଣ ଶୃଙ୍ଖଳକୁ ସଶକ୍ତ କରିବାରେ ଏହା ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏଥିରେ ୪୦ରୁ ଅଧିକ ଦେଶର ୬୦୦ରୁ ଅଧିକ ପ୍ରଦର୍ଶକ, ୩୦୦ ଆନ୍ତର୍ଜାତିକ୍ କମ୍ପାନୀ ଓ ପ୍ରତିନିଧିମଣ୍ଡଳୀ ଅଂଶଗ୍ରହଣ କରିବେ । ପ୍ରଦର୍ଶନୀରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଷ୍ଟାର୍ଟଅପ୍ ପାଭିଲିୟନ୍ ସହ ୬ଟି ଦେଶ ଓ ୧୨ଟି ରାଜ୍ୟର ପ୍ରଦର୍ଶନୀ ମଣ୍ଡପ ସ୍ଥାନିତ ହେବ ।

# ପିଏମ୍-ଆୱାର୍ଡ୍ସ୍ ଇ-ଅକ୍ସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରାପ୍ତ ହୋଇଥିବା ବିଭିନ୍ନ ସ୍ମାରକୀ ଏବଂ ଉପହାର ଗୁଡ଼ିକର ଆସନ୍ତାକାଲିଠାରୁ ଇ-ନିଲାମୀ କରାଯିବ । ଆଜି ନୂଆଦିଲ୍ଲୀଠାରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଚଳିତ ବର୍ଷ ପ୍ରାୟ ୧ ହଜାର ୫୦୦ଟି ବିଭିନ୍ନ ଦ୍ରବ୍ୟ ଏହି ଇ-ନିଲାମୀ ପାଇଁ ରଖାଯାଇଛି । ସେଥିମଧ୍ୟରେ ଭାରତର ବିବିଧ, ସଂସ୍କୃତି, ବିଶ୍ୱାସ ଏବଂ ପାରମ୍ପରିକ ହସ୍ତଶିଳ୍ପକୁ ପ୍ରତିନିଧିତ୍ୱ କରୁଥିବା ପ୍ରତିମୂର୍ତ୍ତି, ହସ୍ତଶିଳ୍ପ, ପଟ୍ଟଚିତ୍ର, ବୟନଶିଳ୍ପ, ପୁରାତନ ସାମଗ୍ରୀ ଆଦି ଅନ୍ତର୍ଭୁକ୍ତ । ପୂର୍ବରୁ କରାଯାଇଥିବା ଅନୁରୂପ ୭ଟି ଇ-ନିଲାମୀ ମାଧ୍ୟମରେ ମୋଟ୍ ୭ହଜାର ୪୪୧ଟି ସାମଗ୍ରୀ ନିଲାମ କରାଯାଇଥିଲା ଏବଂ ସେଥିରୁ ୫୨ କୋଟି ଟଙ୍କା ମିଳିଛି ବୋଲି ଶ୍ରୀ ଶେଖାୱତ କହିଛନ୍ତି । ସେ କହିଛନ୍ତି, ଏଥିରୁ ପ୍ରାପ୍ତ ଅର୍ଥ ଦ୍ୱାରା ଗଙ୍ଗାନଦୀର ନିରନ୍ତର ପ୍ରବାହ ଓ ସ୍ୱଚ୍ଛତା ଲାଗି ଆରମ୍ଭ କରାଯାଇଥିବା ନମାମୀ ଗଙ୍ଗେ ଅଭିଯାନରେ ଖର୍ଚ୍ଚ କରାଯାଉଛି । ତେଣୁ ନମାମୀ ଗଙ୍ଗେ ଭଳି ଏକ ପବିତ୍ର ଅଭିଯାନ ନିମନ୍ତେ ସହାୟତା କରିବାକୁ ଶ୍ରୀ ଶେଖାୱତ ଏହି ଇ-ନିଲାମୀରେ ଅଂଶଗ୍ରହଣ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

# ସ୍ୱଚ୍ଛତା ହି ସେବା

ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନ ଆସନ୍ତାକାଲିଠାରୁ ଦେଶ ବ୍ୟାପି ଆରମ୍ଭ ହେବ । ଏହି ଅଭିଯାନ ଆସନ୍ତାମାସ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସ୍ୱଚ୍ଛତାକୁ ପ୍ରାଥମିକତା ପ୍ରଦାନ କରିବା, ସାର୍ବଜନୀନ ସ୍ଥାନଗୁଡ଼ିକରେ ସ୍ୱଚ୍ଛତା ଆଧାରିତ ସଂସ୍କାର ଏବଂ ଏଥିରେ ଯୁବପିଢ଼ିଙ୍କୁ ସାମିଲ କରିବା ହେଉଛି ଏହି ଅଭିଯାନର ମୂଳଲକ୍ଷ୍ୟ । ଏହା ଦ୍ୱାରା ପୁନଃ ସଂଯୋଜିତ ଅର୍ଥନୀତି ଏବଂ ବର୍ଜ୍ୟବସ୍ତୁରୁ ଆୟ ସାଧନର ମାର୍ଗ ଉନ୍ମୁକ୍ତ ହୋଇପାରିବ । ସ୍ୱଚ୍ଛତାରେ ସହଭାଗୀ, ସ୍ୱଚ୍ଛ ଭାରତ, ବିକଶିତ ଭାରତ ଏବଂ ସ୍ୱଚ୍ଛ ଓ ବିକଶିତ ଭାରତ ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରିବାରେ ସାମୂହିକ ଅଂଶଗ୍ରହଣ ତଥା ସହଭାଗୀ ଦାୟିତ୍ୱ ପ୍ରସଙ୍ଗ ଆଧାରରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯିବ । ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନ ସ୍ୱଚ୍ଛ ଭାରତ ମିଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ସେବାର ୨୫ ବର୍ଷ ପୂରଣ ଅବସରରେ ଆସନ୍ତାମାସ ୭ ତାରିଖରେ ସ୍ୱତନ୍ତ୍ର ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରାଯାଇଛି ।

ଏହି ଅଭିଯାନର ମହତ୍ୱ ଉପରେ ଆଲୋକପାତ କରିବା ସହିତ ଏଥିରେ ସାମିଲ ହୋଇ ଏହାକୁ ସଫଳ କରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ

ରାଜନାଥ ସିଂହ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । **V/O-Rajnath Singh**

ଆସନ୍ତାମାସ ୨ ତାରିଖ ଗାନ୍ଧିଜୟନ୍ତୀ ଅବସରରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ଦ୍ୱାରା ସାର୍ବଜନୀନ କ୍ଷେତ୍ରରେ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯିବ । ଏକ୍ ପେଡ୍ ମା' କେ ନାମ୍ ପଦକ୍ଷେପ ଅଧୀନରେ ଚାରା ରୋପଣକୁ ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବ ।

# ଜୟଶଙ୍କର-ଭୁଟାନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ଥିମ୍ପୁଠାରେ ତାଙ୍କର ଭୁଟାନ ପ୍ରତିପକ୍ଷ ଲିୟନ୍‌ପୋ ଡି.ଏନ୍. ଧୁଙ୍ଗେଲଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ଅବସରରେ ସେମାନେ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ସହଯୋଗର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏତଦ୍ ବ୍ୟତୀତ ଶକ୍ତି, ବାଣିଜ୍ୟ, ସଂଯୋଗୀକରଣ, ସଂସ୍କୃତି ଓ ଜନସମ୍ପର୍କ ଆଦି କ୍ଷେତ୍ରରେ ଭାରତ-ଭୁଟାନ ବହୁପକ୍ଷିୟ ବିକାଶ ମୂଳକ ଭାଗିଦାରିକୁ ଆଗେଇ ନେବା ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇଛି । ଉଭୟ ଦେଶ ମଧ୍ୟରେ ଥିବା ବିଶ୍ୱାସ, ସଦ୍‌ଇଚ୍ଛା ଏବଂ ସୁ-ସମ୍ପର୍କ ଆଜିର

ଆଲୋଚନାରେ ପ୍ରତିଫଳିତ ହୋଇଛି ବୋଲି ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି ।

## ନ୍ୟୁଜିଲାଣ୍ଡ-ଇଣ୍ଡିଆ

ଭାରତ ସହିତ ନ୍ୟୁଜିଲାଣ୍ଡର ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର୍ ଲକସନ୍ ଏକ ଐତିହାସିକ ରାଜିନାମା ଭାବେ ଅଭିହିତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଲକସନ୍ କହିଛନ୍ତି, ଏହାଦ୍ୱାରା ଭାରତର ବଜାର ବ୍ୟବସ୍ଥା ନ୍ୟୁଜିଲାଣ୍ଡ ନିମନ୍ତେ ସୁଗମ ହେବା ସହିତ ନିଯୁକ୍ତି ଏବଂ ଆୟ ସୃଷ୍ଟି କରିବା ଦିଗରେ ପ୍ରୋତ୍ସାହନ ମିଳିବ । ଶ୍ରୀ ଲକସନ୍‌ଙ୍କର ପ୍ରଥମପାଳି ସରକାର ସମୟରେ ତାଙ୍କର ନ୍ୟାସନାଲ୍ ପାର୍ଟି ଦ୍ୱାରା ଭାରତ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ କରିବା ଲାଗି ପ୍ରତିଶ୍ରୁତି ଦିଆଯାଇଥିଲା । ବର୍ତ୍ତମାନ ସରକାର ସେହି ପ୍ରତିଶ୍ରୁତି ରକ୍ଷା କରିବାରେ ସଫଳ ହୋଇଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । ଏହି ରାଜିନାମାକୁ କାର୍ଯ୍ୟକାରି କରିବା ଲାଗି ନ୍ୟୁଜିଲାଣ୍ଡର ସଂସଦ ଏହାକୁ ବହୁମତରେ ପାରିତ କରିଛି । ଏହି ରାଜିନାମା ସପକ୍ଷରେ ସପକ୍ଷରେ ୯୩ଟି ଭୋଟ୍ ପଡ଼ିଥିବା ବେଳେ ୨୯ ଜଣ ସାଂସଦ ଏହାକୁ ବିରୋଧ କରିଥିଲେ ।

ନ୍ୟୁଜିଲାଣ୍ଡର ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକ୍‌ଲେ କହିଛନ୍ତି, ଏହି ରାଜିନାମା ଦ୍ୱାରା ବିଶ୍ୱର ସର୍ବବୃହତ ଏବଂ ଦ୍ରୁତତମ ଅର୍ଥ ବ୍ୟବସ୍ଥା

କୁହାଯାଉଥିବା ଭାରତ ସହିତ ବାଣିଜ୍ୟ କରିବା ଦିଗରେ ନ୍ୟୁଜିଲାଣ୍ଡର ରପ୍ତାନୀକାରୀଙ୍କୁ ସୁଯୋଗ ମିଳିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଶ୍ରୀ ଲକସନ୍ ମିଳିତ ଭାବେ ଆଗାମୀ ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ କାରବାରକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖିଥିବା ପରିପ୍ରେକ୍ଷୀରେ ଏହି ରାଜିନାମା ସ୍ୱାକ୍ଷରିତ ହୋଇଛି ।

# ପିଏମ୍-ବିଶ୍ୱକର୍ମା

ପିଏମ୍ ବିଶ୍ୱକର୍ମା ଯୋଜନାକୁ ଆସନ୍ତାକାଲି ୩ ବର୍ଷ ପୂରିବ । ୩୦ ଲକ୍ଷ ହିତାଧିକାରୀ ଏଥିରେ ପଞ୍ଜିକୃତ ହୋଇଥିବାରୁ ୨୦୨୩ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଏହି ଯୋଜନାକୁ ଉଲ୍ଲେଖନୀୟ ସଫଳତା ମିଳିଛି । ଏହି ଅବସରରେ ଆସନ୍ତାକାଲି କୋଲକାତାଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଏମ୍.ଏସ୍.ଏମ୍.ଇ. ମନ୍ତ୍ରଣାଳୟ ପକ୍ଷରୁ ଏହି ଯୋଜନାର ତୃତୀୟ ବାର୍ଷିକୀ ପୂର୍ତ୍ତି ପାଳନ କରାଯିବ । ଏହି ସମାରୋହରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏବଂ କେନ୍ଦ୍ର ଏମ୍.ଏସ୍.ଏମ୍.ଇ. ମନ୍ତ୍ରୀ ଜିତନ ରାମ ମାଞ୍ଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ – ୧୮ଟି ଚିହ୍ନିତ ବାଣିଜ୍ୟିକ କ୍ଷେତ୍ରରେ ପାରମ୍ପରିକ କାରିଗର ଏବଂ ହସ୍ତଶିଳ୍ପ

କାରିଗରଙ୍କୁ ନିଜର ବ୍ୟାବସାୟିକ ପରିସର ବୃଦ୍ଧି କରିବା ଲାଗି ବିଭିନ୍ନ ସହାୟତା ଯୋଗାଇଦେବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷ କରି ବିଶ୍ୱକର୍ମାମାନଙ୍କର ପାରମ୍ପରିକ ଦକ୍ଷତାକୁ ଅଧିକ ସଶକ୍ତ କରିବା ଲାଗି ଏହି ଯୋଜନା ଅଧୀନରେ ଅତ୍ୟାଧୁନିକ ଜ୍ଞାନକୌଶଳ, ଆର୍ଥିକ ସହଯୋଗ, ବଜାର ସଂଯୋଗୀକରଣ ଏବଂ ଆନୁଷ୍ଠାନିକ ସହାୟତା ଯୋଗାଇ ଦିଆଯାଉଛି । ଏହାଦ୍ୱାରା ବିଶ୍ୱକର୍ମାମାନଙ୍କର ଆୟ, ଉଦ୍ୟମିତ ଦକ୍ଷତା ଏବଂ ଉତ୍ପାଦନ ବୃଦ୍ଧି ପାଇବାରେ ପ୍ରୋତ୍ସାହନ ମିଳୁଛି ।

## ଅନନ୍ତନାଗ-ଫାଲକେ ଆୱାର୍ଡ଼

ବରିଷ୍ଠ ଅଭିନେତା ଅନନ୍ତ ନାଗଙ୍କୁ ୨୦୨୪ ବର୍ଷ ଲାଗି ସମ୍ମାନଜନକ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯିବ । ଭାରତୀୟ ସିନେମା ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ତଥା ଆଗାମୀ ପିଢ଼ି ଲାଗି ପ୍ରେରଣାର ଉତ୍ସ ହୋଇଥିବା ଦୃଷ୍ଟିରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଗୁଜରାଟର କେଭାଡ଼ିଆଠାରେ ଆସନ୍ତା ୨୨ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଶ୍ରୀ ନାଗଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ।

ଦାଦା ସାହେବ ଫାଲକେ ପୁରସ୍କାର ଲାଗି ମନୋନୀତ ହୋଇଥିବାରୁ ଅନନ୍ତ ନାଗଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଶ୍ରୀ ନାଗଙ୍କର ଉତ୍ତମ ପ୍ରଦର୍ଶନ, ବହୁମୁଖୀ ପ୍ରତିଭା ଏବଂ ପ୍ରଖର ବୁଦ୍ଧିମତ୍ତା ଯୋଗୁଁ ଗତ ଦଶନ୍ଧି ଦଶନ୍ଧି ଧରି ସେ ଭାରତୀୟ ସିନେମା ଜଗତରେ ଏକ ସଶକ୍ତ ଉଲ୍ଲେଖନୀୟ ଛାପ ଛାଡ଼ି ଯାଇଛନ୍ତି ।